# ତଦନ୍ତ କଲା ବ୍ଲକ ଶିକ୍ଷା ବିଭାଗ

**ଧରିତ୍ରୀ ପ୍ରଭାବ**

**ଛାତ୍ରୀମାନେ ଚାଲି ଚାଲି ପରୀକ୍ଷା କେନ୍ଦ୍ରକୁ ଯିବା ଘଟଣା**

ମୋରଡ଼ା,୧୪।୧୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଭାଲିଆଡିହା ପଞ୍ଚାୟତ ଅନ୍ତର୍ଗତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୯୦ ଛାତ୍ରୀ ୬ କି.ମି. ଚାଲିଚାଲି ପରୀକ୍ଷା କେନ୍ଦ୍ରକୁ ଯିବା ଘଟଣାର ତଦନ୍ତ କରିଛି ବ୍ଲକ ଶିକ୍ଷା ବିଭାଗ। ଏ ସଂକ୍ରାନ୍ତରେ ଗତ ୧୩ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ୨ ଜଣ ଏବିଇଓ ତଦନ୍ତ କରିଥିଲେ। ଏହି ତଦନ୍ତ ରିପୋର୍ଟ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ପ୍ରଦାନ କରାଯାଇଥିବା ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ମନମୋହନ ହେମ୍ବ୍ରମ ପ୍ରକାଶ କରିଛନ୍ତି। ତଦନ୍ତ ବେଳେ ଛାତ୍ରୀମାନେ କେନାଲ ରାସ୍ତାରେ ଚାଲିଚାଲି ପରୀକ୍ଷା ଦେବାକୁ ଯିବାଆସିବା କରିବା ଘଟଣା ସତ ପ୍ରମାଣିତ ହୋଇଥିବା ବିଇଓ କହିଛନ୍ତି। ଗତ ୧୨ ତାରିଖରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଚତୁର୍ଥ,ପଞ୍ଚମ ଓ ଷଷ୍ଠ ଶ୍ରେଣୀର ୯୦ ଛାତ୍ରୀ ୬ କି.ମି. ଚାଲିଚାଲି ପଞ୍ଚାୟତସ୍ତରୀୟ ଗଣିତ ପରୀକ୍ଷା ଦେବାକୁ ବାରମାଇଲସ୍ଥିତ ଉପେନ୍ଦ୍ରନାଥ ଘୋଷ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯିବା ଆସିବା କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ କିଛି ବ୍ୟବସ୍ଥା କରି ନ ଥିଲେ।

# ମଧ୍ୟାହ୍ନଭୋଜନରେ ପଖାଳ, ଆଳୁଭଜା



ମଧ୍ୟାହ୍ନ ଭୋଜନରେ ଛାତ୍ରୀମାନେ ପଖାଳ, ଆଳୁଭଜା ଖାଉଛନ୍ତି।

- **ମାଣବସା ପାଇଁ ଶିକ୍ଷୟିତ୍ରୀ, ରୋଷେୟା ଅନୁପସ୍ଥିତ**
- **ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ**

ନୀଳଗିରି, ୪।୧୨(ପ୍ରଶାନ୍ତ ବିଶ୍ୱାଳ)

ମଧ୍ୟାହ୍ନଭୋଜନରେ ଛାତ୍ରୀଛାତ୍ରଙ୍କୁ ସୁଷମ ଖାଦ୍ୟ ଯୋଗାଇଦେବା ଲାଗି ନିୟମ ରହିଛି। ହେଲେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ଉମାଅର୍ଜୁନ ବାଳିକା ଉଚ୍ଚ ବିଦ୍ୟାଳୟରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ତାହା ପୁଣି ୫–ଟି ବିଦ୍ୟାଳୟରେ। ମାଣବସା ଗୁରବାର ଲାଗି କେତେଜଣ ଶିକ୍ଷୟିତ୍ରୀ ଓ ରୋଷେୟା ଅନୁପସ୍ଥିତ ରହିଥିବାରୁ ପିଲାଙ୍କୁ ଥଣ୍ଡା ଦିନରେ ପଖାଳ ଓ ଆଳୁ ଭଜା ଖାଇବାକୁ ପଡିଛି। ଏପରିକି ମଧ୍ୟାହ୍ନରେ ଛାତ୍ରୀମାନେ ନିଜ ହାତରେ ବାଢ଼ି ଖାଇଛନ୍ତି। ଏ ସମ୍ପର୍କରେ ଅଭିଭାବକମାନେ ଜାଣିବା ପରେ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଏହାକୁ ଗୁରୁତ୍ୱର ସହ ନେଇ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବିଦ୍ୟାଳୟରେ ସମୁଦାୟ ୭ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ମଧ୍ୟାହ୍ନରେ ୩ଜଣ ଉପସ୍ଥିତ ଥିଲେ ଓ ଅନ୍ୟ ୪ ଜଣ ଛୁଟିରେ ଥିଲେ। ଉକ୍ତ ବିଦ୍ୟାଳୟରେ ୯୩ ଜଣ ଛାତ୍ରୀ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଗୁରୁବାର ସକାଳେ ରୋଷେୟା ଆଳୁଭଜା ଓ ପଖାଳ ପ୍ରସ୍ତୁତ କରି ଛୁଟିରେ ପଳାଇ ଯାଇଥିଲେ।

# ପାଚେରି ଡେଇଁ ଘରେ ପଶିଲେ ଭାଲୁପଲ

ମାଲକାନଗିରି, ୧୪।୧୨(ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି ୭ ଗ୍ରାମରେ ଭାଲୁ ଆତଙ୍କ ଦେଖିବାକୁ ମିଳିଛି। ବୁଧବାର ମଧ ରାତ୍ରିରେ ଭାଲୁ ଲୋକଙ୍କ ଘରେ ପଶି ବିଭିନ୍ନ ଆସବାପତ୍ର ନଷ୍ଟ କରୁଥିବା ବେଳେ ଏହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଯାହା ଗୁରୁବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘର ମୁଖ୍ୟ ଫାଟକ ପାଖ ପାଚେରି ଡେଇଁ ୩ଟି ଭାଲୁ ବୁଧବାର ରାତିରେ ଜଣକ ଘରେ ପଶିଥିଲେ। ଆଉ ଏହା ଘର ସାମ୍ନାରେ ଥିବା ସିସିଟିଭିରେ ଏକଦ ହୋଇଛି , ଯାହାକୁ ନେଇ ଏମ୍‌ଭି ୭ ନମ୍ବର ଗାଁ ଓ ଆଖପାଖ ଅଞ୍ଚଳରେ ଲୋକଙ୍କ ମନରେ ଭୟର ବାତାବରଣ ଖେଳିଯାଇଛି।

## ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ବାଟବଣା

# ବନ୍ଦ ବିଦ୍ୟାଳୟକୁ ଅନୁଦାନ

ପଟ୍ଟାଙ୍ଗି,୧୪।୧୨(ଶରତ ଧଳ)



ବନ୍ଦ ହୋଇ ଯାଇଥିବା ସିତାମପାଡୁ ଗ୍ରାମର ନୂତନ ପ୍ରାଥମିକ ବିଦ୍ୟାଳୟ।

ଯେଉଁ ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ଥିବ ସେହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟଗୁଡିକ ସହ ମିଶ୍ରଣ କରାଯିବାକୁ ସରକାର ନିଷ୍ପତ୍ତି ନେଇ ରାଜ୍ୟର ଏପରି ଥିବା ଅନେକ ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟ ସହ ମିଶ୍ରଣ କରିଥିଲେ। ଫଳରେ ରାଜ୍ୟରେ କମ୍ ଛାତ୍ରୀଛାତ୍ର ଥିବା କେତେକ ବିଦ୍ୟାଳୟ ବନ୍ଦ ହୋଇଯାଇଥିଲା। ଏହି କ୍ରମରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା କମ୍ ଥିବା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ରାଲେଗଡ଼ା ପଞ୍ଚାୟତ ସିତାମପାଡୁ ଗ୍ରାମର ନୂତନ ପ୍ରାଥମିକ ବିଦ୍ୟାଳୟକୁ ବନ୍ଦ କରାଯାଇଥିଲା। ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିକଟସ୍ଥ ଟାଙ୍ଗିଣି ବିଦ୍ୟାଳୟରେ ପାଠପଢ଼ା ବ୍ୟବସ୍ଥା ହୋଇଥିଲା। ଏଯାବତ୍ ୩ ବର୍ଷ ହେଲା ଏହି ବିଦ୍ୟାଳୟ ବନ୍ଦ ରହିଛି। ତେବେ ବର୍ତ୍ତମାନ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବନ୍ଦ ହୋଇଯାଇଥିବା ଏହି ସିତାମପାଡୁ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ଜଣାପଡ଼ିଛି । ଏହା ଜଣାପଡ଼ିବା ପରେ ବନ୍ଦ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ଅର୍ଥ ମଞ୍ଜୁର କାହା ସ୍ୱାର୍ଥରେ ବୋଲି ବ୍ଲକ ଉପାଧ୍ୟକ୍ଷ ତ୍ରିନାଥ କଟା ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଲୋକ ପ୍ରତିନିଧି ସରପଞ୍ଚ, ସମିତି ସଭ୍ୟାସଭ୍ୟଙ୍କୁ ଅଣାଦେଖା କରି ଉନ୍ନତି ନାମରେ ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରି ସରକାରୀ ଅର୍ଥକୁ ବାଟମାରଣା କରାଯାଇଥିବା କଟା ଅଭିଯୋଗ କରିଛନ୍ତି। ପୂର୍ବତନ ବିଡିଓଙ୍କ ସମୟରେ ହୋଇଥିବା ପ୍ରକଳ୍ପଗୁଡିକର ଉଚ୍ଚସ୍ତରୀୟ ତଦନ୍ତ କରିବା ଲାଗି ସେ ଦାବି କରିଛନ୍ତି। ସେହିପରି ପଞ୍ଚାୟତଗୁଡ଼ିକର ଉନ୍ନତି ନିମନ୍ତେ ଆମ ଓଡ଼ିଶା ନବୀନ ଓଡିଶା ଯୋଜନାରେ ବ୍ଲକର ୧୪ଟି ପଞ୍ଚାୟତକୁ ୭କୋଟି ଟଙ୍କା ଅନୁଦାନ ଆସିଛି। ଏହି ଅନୁଦାନ ଖର୍ଚ୍ଚରେ ମନମାନି କରାଯାଉଛି। କେତେଜଣ କ୍ଷମତାସୀନ ରାଜନେତା ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ ଅଣଦେଖାକରି ପ୍ରକଳ୍ପ ମଞ୍ଜୁର କରାଇ କାର୍ଯ୍ୟ କରିବାରେ ନିଜେ ଠିକାଦାର ସାଜିଛନ୍ତି। ଯେଉଁ ପଞ୍ଚାୟତରେ ଶାସକ ଦଳର ନିର୍ବାଚିତ ପ୍ରତିନିଧି ନାହାନ୍ତି ସେହି ପଞ୍ଚାୟତରେ ଥିବା ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ କୌଣସି ସୂଚନା ନ ଦେଇ ଆସିଥିବା ଅର୍ଥକୁ ଖର୍ଚ୍ଚ କରିବାକୁ ପ୍ରୟାସ କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କେତେଜଣ ଜନପ୍ରତିନିଧିଙ୍କ ପାଇଁ ସରକାର ବଦନାମ ହେଉଛନ୍ତି ବୋଲି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କହିଛନ୍ତି। ଏନେଇ ଏଇ ବିଶ୍ୱନାଥ ମାଦାଲିଙ୍କୁ ପଚାରିବାରୁ ସେ କହିଲେ, ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପଞ୍ଚାୟତଗୁଡିକରୁ ପ୍ରସ୍ତୁତ ହୋଇ ଆସିଥିବା ପ୍ରକଳ୍ପକୁ ଜିଲାପାଳ ଏବେ ସ୍ଥଗିତ ରଖିଛନ୍ତି। ସମସ୍ତ ଧାର୍ମିକ ପୀଠର ଉନ୍ନତି ବ୍ୟତୀତ ଅନ୍ୟ ସବୁ କାମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଥିବା ସେ କହିଛନ୍ତି।

ଅଭିନନ୍ଦନ
ଲୋକପ୍ରିୟ ଅଗ୍ରଣୀ ଓଡ଼ିଆ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଦୋବଲ ଗ୍ରାମ ପଞ୍ଚାୟତର ଜନସାଧାରଣ, ବୁଦ୍ଧିଜୀବୀ ଓ ଯୁବ ଭୋଟର ଭାଇ ଭଉଣୀମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ରୁନିଲତା ସାହୁ
ସମିତି ସଭ୍ୟା,ଦୋବଲ ଗ୍ରାମପଞ୍ଚାୟତ, ଦୋବଲ, ଧାମନଗର, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ବ୍ଲକ ଦୋବଲ ପଞ୍ଚାୟତର ଅଗଣିତ ଜନସାଧାରଣ, ବୁଦ୍ଧିଜୀବୀ ଓ ଯୁବ ଭୋଟର ଭାଇଭଉଣୀମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଅଶୋକ କୁମାର ପଣ୍ଡା
ସରପଞ୍ଚ,ଦୋବଲ ଗ୍ରାମପଞ୍ଚାୟତ, ଧାମନଗର, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ସାଦର ଶୁଭେଚ୍ଛା ।
ଶ୍ରୀମାନ୍ ସୂର୍ଯ୍ୟବଂଶୀ ସୁରଜ
ବିଧାୟକ, ଧାମନଗର, ଭଦ୍ରକ

ଅଭିନନ୍ଦନ
ଓଡ଼ିଶାର ଅଗ୍ରଣୀ ଲୋକପ୍ରିୟ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଯୁବ ଭାଇଭଉଣୀମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଆଗାମୀ ନବବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ।
ଇଂ.ପ୍ରୟାସକାନ୍ତି ସାମଲ (ଲୁଲୁ)
ବିଜେଡି ରାଜ୍ୟ ସମ୍ପାଦକ ତଥା ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି, ଭଦ୍ରକ

ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସମସ୍ତ ପାଠକ ପାଠିକା ଓ ଧାମନଗର ଅଞ୍ଚଳର ସମସ୍ତ ଜନସାଧାରଣ, ଯୁବବର୍ଗମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଶୁଭେଚ୍ଛା ଓ ଅଭିନନ୍ଦନ ।
କୈଳାସ ଚନ୍ଦ୍ର ମହାପାତ୍ର (ଶୁସନ)
ଭାଜପା ନଗର ସଭାପତି, ଧାମନଗର, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ଅଞ୍ଚଳର ଅଗଣିତ ପାଠକ ପାଠିକା ଓ ଜନସାଧାରଣଙ୍କୁ ଅଭିନନ୍ଦନ ସହ ଆଗାମୀ ନବବର୍ଷ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧି ଆଣିଦେଉ ।
ଧୀରେନ କୁମାର ପାଣି
ସହକାରୀ ଯନ୍ତ୍ରୀ, ଧାମନଗର ଜଳସେଚନ ଉପବିଭାଜନ ଧାମନଗର, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଷୋଳମପୁର ପଞ୍ଚାୟତର ସମସ୍ତ ଜନସାଧାରଣ ଓ ଯୁବବର୍ଗଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଅରବିନ୍ଦ ନାୟକ
ପୂର୍ବତନ ମାଳଦା ସମବାୟ ସମିତି ସଭାପତି, ଷୋଳମପୁର, ଭଣ୍ଡାରିପୋଖରୀ

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଅଗଣିତ ପାଠକ ପାଠିକା ଓ ଦେହୁଡ଼ି ଆନନ୍ଦପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ଓ ଯୁବକ ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।
ରମେଶ ଚନ୍ଦ୍ର ପତି
ଭାଜପା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଓ ଶକ୍ତିକେନ୍ଦ୍ର ପ୍ରମୁଖ ଦେହୁଡ଼ି ଆନନ୍ଦପୁର ଗ୍ରାମପଞ୍ଚାୟତ, ଧାମନଗର, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଦୋବଲ ସେବା ସମବାୟ ସମିତିର ସମସ୍ତ ଋଣଗ୍ରହୀତା, ଚାଷୀ ଓ ସମିତି ସଭ୍ୟା ସଭ୍ୟମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ବଟକୃଷ୍ଣ ନାୟକ
ସଭାପତି, ଦୋବଲ ସେବା ସମବାୟ ସମିତି ଦୋବଲ, ଧାମନଗର, ଭଦ୍ରକ

ଅଭିନନ୍ଦନ
ଅଗ୍ରଣୀ ଖବରକାଗଜ ଧରିତ୍ରୀର ୫୦ ବର୍ଷ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଧାମନଗର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
କିଶୋର କୁମାର ଦାସ
ସହକାରୀ ଯନ୍ତ୍ରୀ, ଧାମନଗର ଜଳସେଚନ ଉପବିଭାଜନ ଧାମନଗର, ଭଦ୍ରକ

ଅଭିନନ୍ଦନ
ଅଗ୍ରଣୀ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ପ୍ରେସ୍ କ୍ଲବର ସମସ୍ତ କର୍ମକର୍ତ୍ତା, ସଦସ୍ୟମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ରଜତ କୁମାର ପଣ୍ଡା
ସମ୍ପାଦକ, ଧାମନଗର ପ୍ରେସ୍ କ୍ଲବ, ଧାମନଗର, ଭଦ୍ରକ

ଅଭିନନ୍ଦନ
ଅଗ୍ରଣୀ ଖବରକାଗଜ ଧରିତ୍ରୀର ୫୦ତମ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଆଗାମୀ ନବବର୍ଷ ଉପଲକ୍ଷେ ଧାମନଗର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଧାମନଗରର ଶୁଭେଚ୍ଛୁ, ଧାମନଗର

ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ସ୍ୱନକ୍ଷତ୍ର ଦିବସ ଅବସରରେ ଧାମନଗର ପଞ୍ଚାୟତ ସମିତିର ସମସ୍ତ ସଦସ୍ୟା ସଦସ୍ୟ ଓ ଜନସାଧାରଣଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ସନ୍ତୋଷ କୁମାର ପତି
କନିଷ୍ଠ ଯନ୍ତ୍ରୀ, ଧାମନଗର ବ୍ଲକ, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀର ୫୦ତମ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଭଣ୍ଡାରିପୋଖରୀ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଦସ୍ୟ ଓ ଜନସାଧାରଣଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଜଗନ୍ନାଥ ପ୍ରସାଦ ବାରିକ
କନିଷ୍ଠ ଯନ୍ତ୍ରୀ, ଭଣ୍ଡାରିପୋଖରୀ ବ୍ଲକ, ଭଦ୍ରକ

ଅଭିନନ୍ଦନ
ବୃକ୍ଷ ହିଁ ଜୀବନ । ଆସନ୍ତୁ ମିଳିମିଶି ଗଛ ଲଗାଇବା, ପରିବେଶକୁ ମୁକ୍ତ ରଖିବା । ଧରିତ୍ରୀର ୫୦ତମ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ରେଞ୍ଜର ସମସ୍ତ ବୃକ୍ଷପ୍ରେମୀ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
କୁଶ ଚରଣ ସିଂ
ଧାମନଗର ରେଞ୍ଜ୍ ଅଫିସର, ଧାମନଗର, ଭଦ୍ରକ

ଅଭିନନ୍ଦନ
ଧରିତ୍ରୀ ଖବରକାଗଜର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଭଦ୍ରକ ଜିଲ୍ଲାର ସ୍ୱମସ୍ତ ଜନସାଧାରଣ ଓ ଯୁବବର୍ଗଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରମୋଦ କୁମାର ସୁତାର (ଗୁଲୁ)
ଭଦ୍ରକ ଜିଲ୍ଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା ପୂର୍ବତନ ସରପଞ୍ଚ, ସୋହଡା ଗ୍ରାମପଞ୍ଚାୟତ, ଧାମନଗର

ଅଭିନନ୍ଦନ
ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଆନନ୍ଦପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ, ବୁଦ୍ଧିଜୀବୀ ଓ ଯୁବବର୍ଗର ଭୋଟର ଭାଇଭଉଣୀମାନଙ୍କ ସୁଖ ସମୃଦ୍ଧି କାମନା କରିବା ସହ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
ମୀନା ମାଝୀ
ସରପଞ୍ଚ,ଦେହୁଡି ଆନନ୍ଦପୁର ଗ୍ରାମପଞ୍ଚାୟତ,ଧାମନଗର, ଭଦ୍ରକ

ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଭଦ୍ରକବାସୀ ତଥା ଯାଦବ ପରିବାର, ସମସ୍ତ ଜନସାଧାରଣ, ଯୁବବର୍ଗମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।
କୃଷ୍ଣଚନ୍ଦ୍ର ବେହେରା
ଯାଦବ ନେତା ତଥା ସମାଜସେବୀ, ତୁନିଦା, ଭଦ୍ରକ

ଅଭିନନ୍ଦନ
ଓଡ଼ିଶାର ଦୈନିକ ଲୋକପ୍ରିୟ ଖବରକାଗଜ ଧରିତ୍ରୀର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଧାମନଗର ଜିଲ୍ଲା ପରିଷଦ ଜୋନ୍‌ର ସଚେତନ ଜନସାଧାରଣ ଓ ଶୁଭେଚ୍ଛୁମାନଙ୍କୁ ଆଗାମୀ ନବବର୍ଷ ଉପଲକ୍ଷେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଆଗାମୀ ନବବର୍ଷ ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧି ଆଣିଦେଉ ।
ଟୁନିବାଳା ବିଶ୍ୱାଳ
ଜିଲ୍ଲା ପରିଷଦ ଉପାଧ୍ୟକ୍ଷା, ଭଦ୍ରକ, ଧାମନଗର

